# Akashvani, Sambalpur

## SAMBALPURI NEWS EVENING BULLETIN

**8 November 2024- 7.02 pm- 7.12 pm.**

*********************************************

୧- ଓଡ଼ିଆ ଭାଷାକେ ଅନ୍‌ଲାଇନ୍‌ଥି ଅଏତ୍‌କା ସରଲ୍ ଆର୍ ତହଁକାବାର୍ ଲାଗି ସାଢ଼େ ୪ ଲାଖ୍ ଓଡ଼ିଆ ଶବ୍ଦକେ ଇଂଟର୍‌ନେଟ୍ କ୍ଲାଉଡ୍‌ଥି ରଖାଯିବା- କହେଲେ ବିଭାଗୀୟ ମନ୍ତ୍ରୀ ।

୨- ରାଜ୍ୟ ସର୍‌କାର୍ ବରିଷ୍ଠ ନାଗରିକ ନୀତି-୨୦୧୬ କେ ସଂଶୋଧନ୍ କର୍‌ବାର୍ ଲାଗି କରୁଛନ୍ ବିଚାର୍ ।

୩- ରାଜ୍ୟର୍ ୫୫ ଟା ହସ୍ତଶିଳ୍ପକେ ରାଜ୍ୟ ସର୍‌କାର୍‌ଙ୍କର୍ ମିଲ୍‌ଲା ଅନୁମୋଦନ୍ ।

ଆଉର୍

୪- ବଲାଙ୍ଗିର୍ ଗାନ୍ଧୀ ଷ୍ଟାଡ଼ିୟମ୍ ନ ସି.କେ. ନାଇଡୁ କ୍ରିକେଟ୍ ଟ୍ରଫି ଉଦ୍‌ଘାଟିତ ।

କ୍ଲାଉଡ୍‌ରେ ଯୋଡ଼ି ହେବ ଓଡ଼ିଆ ଶବ୍ଦ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଆ ଭାଷା ସାହିତ୍ୟ ଆର୍ ସଂସ୍କୃତି ବିଭାଗ୍ ତର୍‌ଫୁ ଆଧୁନିକ୍ ଜ୍ଞାନ୍ କୌଶଲ୍ ବେଭାର୍ କରିକରି ଆଂଚଲିକ୍ ଭାଷାକେ ଅଏତ୍‌କା ତହଁକାବାର୍ ଲାଗି ରାଜ୍ୟ ସର୍‌କାର୍ ଯୋଜ୍‌ନା କରିଛନ୍ ବଲି ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ସେ କହିଛନ୍ ଯେ, ଅନ୍‌ଲାଇନ୍ ଜରିଏ ଓଡ଼ିଆ ଭାଷାର୍ ବହୁତ୍‌ଟେ ବେଭାର୍ ହେଉଥିବାର୍‌ନୁ ଓଡ଼ିଆ ଭାଷାର୍ ବିକାଶ୍ ଲାଗି କ୍ଲାଉଡ୍‌ଥି ପାଖାପାଖି ସାଢ଼େ ୪ ଲାଖ୍ ଓଡ଼ିଆ ଶବ୍ଦ ରଖାଯିବା । ଇଥିର୍‌ଲାଗି ଖୋବ୍ ଜଲ୍‌ଦି ଡାଟାବେସ୍ ତିଆର୍ କରାଯାଇକରି ଖେପ୍ ଖେପ୍ କରି କାମ୍ ମୁଲ୍ ହେବା ବଲି ସେ କହିଛନ୍ । ଇଟା ହେଲେ ଇଂରାଜୀ ଭାଷା ବାଗିର୍ ସବୁ କ୍ଷେତ୍ରଥି ତଥ୍ୟ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ଓଡ଼ିଆ ଭାଷାଥି ସୂଚ୍‌ନା ଦେବା । ଫି’ ଲୋକ୍ ଯେନ୍‌କେନ୍‌ସି ଜାଗା ନ ରହିଥିଲେ ଭିଲ୍ ଓଡ଼ିଆ ପଢ଼୍‌ବାର୍, ଲେଖ୍‌ବାର୍ ଆର୍ ଓଡ଼ିଆ ଭାଷାଥି ସୂଚ୍‌ନା ପାଇପାର୍‌ବେ । ସର୍‌କାର୍‌ଙ୍କର୍ ଇ ପଦକ୍ଷେପ୍ ଲାଗି ଦେଶ୍ ବାହାରେ ରହୁଥିବା ଓଡ଼ିଶା ଭାଷାଭାଷୀ ଲୋକ୍‌ମାନ୍‌କର୍ ଓଡ଼ିଆ ଭାଷା ପ୍ରତି ଆନ୍ତରିକତା ଆଉ ଆଗ୍ରହ ବଢ଼୍‌ବା ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ବରିଷ୍ଠ ନାଗରିକ-ରାଜ୍ୟ ସର୍‌କାର୍       ଆର୍‌ଏନ୍‌ୟୁ/ କଟକ୍

ରାଏଜେ ବରିଷ୍ଠ ନାଗରିକଙ୍କର୍ ଲାଗି ଆଘୋନୁ କରାଯାଇଥିବା ରାଜ୍ୟ ବରିଷ୍ଠ ନାଗରିକ ନୀତି ୨୦୧୬ ଥି ସଂଶୋଧନ୍ କରାଯିବାର୍ ବାବ୍‌ଦେ ରାଜ୍ୟ ସର୍‌କାର୍ ବିଚାର୍ କରୁଛନ୍ ବଲି ସାମାଜିକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଜନାପଡ଼ିଛେ । ଦେଶେ ବଢୁଥିବା ବରିଷ୍ଠ ନାଗରିକଙ୍କର୍ ସଂଖ୍ୟାକେ ନଜର୍‌ଥି ରଖିକରି ରାଜ୍ୟ ସର୍‌କାର୍ ସେମାନ୍‌କର୍ ସୁବିଧାର୍ ଲାଗି ବହୁତ୍ ରକ୍‌ମର୍ ଉନ୍ନତି କର୍‌ବାର୍ ଦିଗେ ଆଘର୍ ଯୋଜ୍‌ନା ସହେତେ ଆଉ କିଛି ନୂଆଁ ଯୋଜ୍‌ନା କର୍‌ବାର୍ ଲାଗି ବିଚାର୍ କରୁଛନ୍ । ବିଭାଗ୍ ତର୍‌ଫୁ ୧୧ ଟା ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ, ପ୍ରମୁଖ ଶାସନ୍ ସଚିବ ଆଉ ସଚିବ ମାନ୍‌କୁ ଇ ବାବ୍‌ଦେ ଚିଠି ଲେଖାଯାଇଛେ । ବିଭାଗ୍ ମାନ୍‌କର୍ ଅଧୀନ୍‌ଥି ଥିବା ବରିଷ୍ଠ ନାଗରିକମାନ୍‌କର୍ ଲାଗି ଉଦ୍ଦିଷ୍ଟ ଯୋଜ୍‌ନା ଆଉ କାର୍ଯ୍ୟକ୍ରମ୍ ବାବ୍‌ଦେ ରାଜ୍ୟ ସର୍‌କାର୍ ବିସ୍ତୃତ ରିପୋର୍ଟ ମାଗିଛନ୍ । ରିପୋର୍ଟ ପାଏବାର୍ ଉତ୍‌ରୁ ସାମାଜିକ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଇତାର୍ ଅନୁଧ୍ୟାନ୍ କରାଯାଇକରି ବିହିତ ପଦକ୍ଷେପ୍ ନିଆଯିବା ।

ଉପମୁଖ୍ୟମନ୍ତ୍ରୀ- ପ୍ରଭାତୀ ପରିଡ଼ା    ସୂଚନା ଲୋକସମ୍ପର୍କ ବିଭାଗ୍

ବିଦେଶ୍ ନ ଓଡ଼ିଶାର୍ ସମୃଦ୍ଧ କଳା, ସଂସ୍କୃତି ଆଉ ଭାଷାକେ ତହଁକାବାର୍ ସହେତେ ଇତାର୍ ପ୍ରଚାର୍ ଆଉ ପ୍ରସାର୍‌ଥି ପ୍ରବାସୀ ଭାରତୀୟଙ୍କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ଠାନେ ଓ୍ୱାର୍ଲ୍ଡ ଟ୍ରାଭେଲ୍ ମାର୍କେଟ୍‌ର ଶେଷ୍ ଦିନ ଗୁଟେ ବିଶେଷ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି  ଶ୍ରୀମତୀ ପରିଡ଼ା କହିଛନ୍ ଯେ, ରାଜ୍ୟର୍ ଫିʼ ପର୍ଯ୍ୟଟନ କ୍ଷେତ୍ରର୍ ବିଦେଶୀ ପର୍ଯ୍ୟଟକମାନ୍‌କୁ ଆକୃଷ୍ଟ କରିପାର୍‌ବା । ପର୍ଯ୍ୟଟନ୍ କ୍ଷେତ୍ରର ବିକାଶ ଅର୍ଥନୈତିକ ଅଭିବୃଦ୍ଧି ଲାଗି ଗୁଟେ ପ୍ରମୁଖ ସ୍ତମ୍ଭ ବଲି ସେ କହିଛନ୍ । ରାଜ୍ୟ ସର୍‌କାରଙ୍କର୍ ନିବେଶ୍ ଅନୁକୂଳ ନୀତି ଆଉ ପର୍ଯ୍ୟଟନ କ୍ଷେତ୍ର ନ ଘରୋଇ ଆର୍ ଆନ୍ତର୍ଜାତୀୟ ନିବେଶକ୍‌ମାନ୍‌କୁ ଆକୃଷ୍ଟ କର୍‌ବାର୍ ଲାଗି ଖାସ୍ କରି ଥିବା ଆଇନ୍ ଆଉ ବ୍ୟବସ୍ଥା ବାବ୍‌ଦେ ମନ୍ତ୍ରୀ ଶ୍ରୀମତୀ ପରିଡ଼ା ସୂଚ୍‌ନା ଦେଇଥିଲେ ।

ଉପମୁଖ୍ୟମନ୍ତ୍ରୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କୁ ନ୍ୟୁଜିଲାଣ୍ଡ ନ ଥିବା ଅକ୍‌ଲ୍ୟାଣ୍ଡର କନ୍‌ସୁଲେଟ୍ ଜେନେରାଲ୍ ଭାବେ ଅବସ୍ଥାପିତ୍ ହେବାର୍‌କେ ଥିବା ମଦନ୍ ମୋହନ୍ ସେଠୀ ଭେଟିଥିଲେ । ଇ ସମିଆଥି ସେମାନ୍‌କର୍ ଭିତ୍‌ରେ ନ୍ୟୁଜିଲାଣ୍ଡ ନ ଓଡ଼ିଆ ଲୁକ୍‌କର୍ ସଂଖ୍ୟା ଆଉ ଅଲ୍‌ଗା

ଜ୍ଞାନ୍ କୌଶଲ୍ ଭିତିକ ଆଲୋଚନା ହେଇଥିଲା । ଶ୍ରୀ ସେଠୀ ଓଡ଼ିଶା ଆର୍ ନ୍ୟୁଜିଲାଣ୍ଡ୍ ଭିତ୍‌ରେ କୃଷିକ୍ଷେତ୍ରଥି ସହଭାଗିତାର୍ ସହେତେ କାମ୍ କର୍‌ବାର୍ ଲାଗି ଆଗ୍ରହ ବଲି କହିଥିଲେ ।

ଇତାର୍‌ଛଡ଼ା ସେ ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁଙ୍କୁ ଲୋକ୍‌ସେବା ଭବନ୍ ନ ଭେଟିଥିଲେ । ଇ ଅବ୍‌ସରେ ଓଡ଼ିଶାକେ ଇଣ୍ଡଷ୍ଟ୍ରିଆଲ୍ ହବ୍ ଆର୍ ସ୍କିଲ୍ ହବ୍ କର୍‌ବାର୍ ଲାଗି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆଲୋଚନା କରିଥିଲେ । ଓଡ଼ିଶା ନ ହେବାର୍‌କେ ଥିବାର୍ ଉତ୍କର୍ଷ ଓଡ଼ିଶା ୨୦୨୫ ଲାଗି ନ୍ୟୁଜିଲାଣ୍ଡ୍‌ର ଶିଳ୍ପପତିମାନ୍‌କୁ ନିମନ୍ତ୍ରଣ୍ କର୍‌ବାର୍ ବାବ୍‌ଦେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କନ୍‌ସୁଲେଟ୍ ଜେନେରାଲ୍‌ଙ୍କର୍ ସାଙ୍ଗେ ଆଲୋଚନା କରିଥିଲେ ।

ଜଳବାୟୁ ପରିବର୍ତନ୍ ମନ୍ତ୍ରୀ ସୂଚନା ଲୋକସମ୍ପର୍କ ବିଭାଗ୍

ଅଏତ୍‌କାନୁ ଅଏତ୍‌କା ଲୋକ୍ ରକ୍ତଦାନ୍ କର୍‌ବାର୍ ଲାଗି ଆଗେଇ ଆସିକରି ମୂଲ୍ୟବାନ୍ ଆଉ ବିରଳ ରକ୍ତସଂଗ୍ରହକେ ସାହାଜ୍ କର୍‌ବାର୍‌କେ ଜଙ୍ଗଲ୍, ପରିବେଶ୍ ଆଉ ଜଳବାୟୁ ପରିବର୍ତନ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଆହ୍ୱାନ୍ ଦେଇଛନ୍ । ଖାରବେଳ ନଗର୍‌ର ବିଭାଗୀୟ ସମ୍ମିଳନୀ କକ୍ଷ ନ ରକ୍ତଦାନ୍ ଶିବିରକେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ଯେ, ରକ୍ତଦାନ୍ ଗୁଟେ ମହାନ୍ କାମ୍ ଆଏ । ଆମର୍ ଦେଶେ ଫି’ ୨ ସେକେଣ୍ଡଥି ରକ୍ତ ଦର୍‌କାର୍

ପଡ଼୍‌ସି । ଝନ୍‌କର୍ ରକ୍ତଦାନ୍ ୩ ଝନ୍‌କର୍ ଜୀବନ୍ ରକ୍ଷା କର୍‌ସି । ରକ୍ତଦାନ୍ କର୍‌ଲେ କାହାର୍ ଜୀବନ୍ ବଂଚାବାର୍ ଅପୂର୍ବ ଆଉ ଉତ୍ସାହଜନକ୍ ଅନୁଭବ୍ ଆଉ ଅନୁଭୂତି ମିଲ୍‌ସି ବଲି ଶ୍ରୀ ଖୁଂଟିଆ କହିଛନ୍ ।

## ହାଇସ୍କୁଲ୍ ଶିକ୍ଷକଙ୍କୁ ଗୃହନିର୍ମାଣ ଲାଗି ଟଙ୍କା

ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ହାଇସ୍କୁଲ୍ ଶିକ୍ଷକ୍ ଆଉ କର୍ମଚାରୀମାନ୍‌କୁ ଘର୍ ବନାବାର୍ ଆର୍ ଜମି ଘିନ୍‌ବାର୍ ଲାଗି ଅଗ୍ରୀମ ଟଙ୍କା ଦେବେ । ପୁର୍‌ନା ଘରର୍ ନବୀକରଣ୍ ଆଉ ଘର୍ ଘିନ୍‌ବାର୍ ଲାଗି ଭିଲ୍ ଅଗ୍ରୀମ ଟଙ୍କା ମିଲ୍‌ବା । ଆବେଦନ୍‌କାରୀମାନ୍‌କୁ ଦର୍‌କାରୀ ତଥ୍ୟ ଦେବାର୍‌କେ କୁହାଯାଇଛେ । ଇ ବାବ୍‌ଦେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଜନେଇ ଦିଆଯାଇଛେ ।

## ହସ୍ତଶିଳ୍ପ ମନ୍ତ୍ରୀ-ସଂଶୋଧିତ ହସ୍ତଶିଳ୍ପ ତାଲିକା

ଆର୍‌ଏନ୍‌ୟୁ/ ସମ୍ବଲପୁର

ସମବାୟ, ହସ୍ତତନ୍ତ, ବୟନ ଆଉ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ୍ ବଲସାମନ୍ତ ୫୫ ଟା ହସ୍ତଶିଳ୍ପକେ ଅନୁମୋଦନ୍ କରିଛନ୍ ।

ଇତାର୍ ଆଘୋନୁ ୫୧ ଟା ହସ୍ତଶିଳ୍ପକେ ଅନୁମୋଦନ୍ ମିଲିଥିଲା । ଏଛେନ୍ ଇ ତାଲିକାକେ ସଂଶୋଧନ୍ କରାଯାଇକରି ୫୫ ଟା ହସ୍ତଶିଳ୍ପକେ ରାଜ୍ୟ ସର୍କାର୍ଙ୍କର୍ ମାନ୍ୟତାପ୍ରାପ୍ତ ହସ୍ତଶିଳ୍ପ ତାଲିକାଥି ସାମିଲ୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ସର୍କାର୍ ଅନୁମୋଦିତ ହେଇଥିବା ହସ୍ତଶିଳ୍ପମାନ୍କର୍ ବିକାଶ୍ ଲାଗି ବିଶେଷ୍ ଧ୍ୟାନ୍ ଦେବାର୍ ସହେତେ ଇଥି କାମ୍ କରୁଥିବା କାରିଗର୍ମାନ୍କୁ ଦର୍କାରୀ ସାହାଜ୍ ଯୁଗେଇ ଦେବେ ।

ସ୍ୱତନ୍ତ୍ର ଟ୍ରେନ୍ ଏନ୍ଏସ୍ଡି

ଭାରତୀୟ ରେଲ୍ବାଇ ତର୍ଫୁ ଆଏଜ୍ଠାନୁ ଶହେ ୬୪ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲାଚଲ୍ କରିଛେ । ଛଟ୍ପୂଜା ଆର୍ ଅଲ୍ଗା ପରବ୍ ଲାଗି ଘର୍କେ ଯାଇଥିବା ଲୋକ୍ମାନେ ଇ ଟ୍ରେନଥି ସେମାନ୍କର୍ ଲକ୍ଷ୍ୟ ଜାଗାକେ ଫିର୍ବେ ବଲି ଜନାପଡ଼ିଛେ । ଆଏବା ୨ ଦିନ୍ ଭିତ୍ରେ ୪ ଶହ ୭୬ ଟା ଟ୍ରେନ୍ ଚଲାଚଲ୍ କର୍ବାର୍କେ ରେଲ୍ବାଇ ନିଷ୍ପତି ନେଇଛେ ।

ଭୁବ୍ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର-ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ

ଆର୍ଏନ୍ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ର ଆଂଚଲିକ୍ ସମ୍ବାଦ ବିଭାଗ୍ ତର୍‌ଫୁ ସମ୍ବଲପୁରୀ, ସାନ୍ତାଳି ଆର୍ ଦେଶୀୟା ଭାଷାଥି ସମ୍ବାଦ ପ୍ରସାରଣ୍ କରାଯିବା । ଇଥିର୍‌ଲାଗି ସମ୍ବଲପୁରୀ, ସାନ୍ତାଳି ଆଉ ଦେଶୀୟା ଭାଷା ସମ୍ବାଦ ପାଠକ, କପି ଏଡିଟର୍ ଆର୍ ଭିଡ଼ିଓ ଏଡିଟର୍‌ର ଦରକାର୍ ରହିଛେ । ଉପଯୁକ୍ତ ପ୍ରାର୍ଥୀମାନ୍‌କର୍ ନୁ ଇଥିର୍‌ଲାଗି ଦର୍‌ଖାସ୍ତ ଆହ୍ୱାନ୍ କରାଯାଇଛେ । ଇଛୁକ ପ୍ରାର୍ଥୀ ପ୍ରସାର୍ ଭାରତୀ ୱେବ୍‌ସାଇଟ୍ prasarbharati.gov.in ର ଭେକେନ୍‌ସିଜ୍ ବିଭାଗ୍‌କେ ଯାଇକରି ବିଜ୍ଞାପନ୍‌ର ସବିଶେଷ୍ ବିବରଣୀ ଜାନିପାର୍‌ବେ । ଇ ମାସର୍ ୨୦ ତାରିଖ୍ ଆବେଦନ୍ କର୍‌ବାର୍ ଶେଷ୍ ତାରିଖ୍ ଆଏ ।

ୟୁଜିସି ନେଟ୍-ଆୟୁର୍ବେଦ୍ ବାୟୋଲୋଜି

ଆର୍‌ଏନ୍‌ୟୁ/ କଟକ୍

ବିଶ୍ୱ ବିଦ୍ୟାଳୟ ଅନୁଦାନ୍ ଆୟୋଗ୍ ୟୁଜିସି ତର୍‌ଫୁ ଜାତୀୟ ଯୋଗ୍ୟତା ପରୀକ୍ଷା ନେଟ୍‌ଥି 'ଆୟୁର୍ବେଦ୍ ବାୟୋଲୋଜି'କେ ସାମିଲ୍ କରାଯାଇଛେ । ଆଏବା ମାସେ ପରୀକ୍ଷାଥି ପରୀକ୍ଷାର୍ଥୀମାନେ 'ଆୟୁର୍ବେଦ ବାୟୋଲୋଜି' ପରୀକ୍ଷା ଦେଇପାର୍‌ବେ । ଇ ବାବ୍‌ଦେ ୟୁଜିସି ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ବିଶେଷଜ୍ଞ କମିଟିଙ୍କର୍ ପରାମର୍ଶ

ଅନ୍‌ସାରେ ୟୁଜିସି ତର୍‌ଫୁ ନୂଆଁ ବିଷେକେ ୟୁଜିସି ନେଟ୍‌ଥି ସାମିଲ୍ କରାଯାଇଛେ ।

ବାଲିଯାତ୍ରା ଆର୍‌ଏନ୍‌ୟୁ/ କଟକ୍

କଟକ୍‌ର ପ୍ରସିଦ୍ଧ ଐତିହାସିକ ବାଲିଯାତ୍ରାକେ ପହେଲାଥର୍ ଲାଗି ୧୦ ଟା ନୁ ଅଏତ୍‌କା ଦେଶର୍ ରାଷ୍ଟ୍ରଦୂତ ଆଉ ପ୍ରତିନିଧି ଆସ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ବଲି ବୈଦେଶିକ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ମିଲିଛେ । ରାଷ୍ଟ୍ରଦୂତମାନେ ବାଲିଯାତ୍ରା ସହେତେ ସହରର୍ ଭିନ୍ ଭିନ୍ ଐତିହାସିକ୍ ସ୍ଥାନ, ଲଳିତଗିରି, ମାଣିଆବନ୍ଧ ଆଉ ବହୁତ୍‌ଟେ ଜାଗା ବୁଲି ଦେଖିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଦୁର୍ଘଟଣା କଲାହାଣ୍ଡି

କଲାହାଣ୍ଡି ଜିଲ୍ଲା ଜୟପାଟ୍‌ନା ଥାନାର୍ ମୁଖିଗୁଡ଼ା ଫାଣ୍ଡି ପାଖେ ଗୁଟେ ସଡ଼କ୍ ଦୁର୍ଘଟଣାଥି ୫ନ୍‌କର୍ ଜୀବନ୍ ଯାଇଛେ । ମୁଖିଗୁଡ଼ା ଆଡୁ ଧାନ୍ ନେଇକରି ଜୟପାଟ୍‌ନା ଆଡ୍‌କେ ଯାଉଥିବାର୍ ଟାଟା-୪୦୭ ମୁଖିଗୁଡ଼ା ଆଡ଼େ ଯାଉଥିବା ଗୁଟେ ବାଇକ୍‌କେ ଧକ୍କା ଦେବାର୍‌ନୁ ବାଇକ୍ ଚାଲକଙ୍କର୍ ଜୀବନ୍ ଯାଇଥିଲା ।

ଅଁଳା ନବମୀ ଆର୍ଏନ୍ୟୁ/ କଟକ୍

ପବିତ୍ର ଅଁଳା ନଅମୀ ଦିନ ପୁରୀ ଜିଲ୍ଲାର୍ ସାକ୍ଷୀଗୋପାଲ୍ ମନ୍ଦିର୍ଥି ଶ୍ରୀ ରାଧାପାଦ ଦର୍ଶନ୍ ଲାଗି ଭକ୍ତମାନ୍କର୍ ଜବର୍ ଭିଡ଼୍ ହେବାର୍ ସମ୍ଭାବନାକେ ନଜର୍ଥି ରଖିକରି ଜିଲ୍ଲା ପ୍ରଶାସନ୍ ତର୍ଫୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଭିଡ଼୍ ନିୟନ୍ତ୍ରଣ୍ ଲାଗି ୩ ଝନ୍ ଅତିରିକ୍ତ ଏସ୍.ପି., ୯ ଝନ୍ ଡି.ଏସ୍.ପି. ୧୭ ଝନ୍ ଇନ୍ସପେକ୍ଟର୍ଙ୍କର୍ ସହେତେ ୨୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯିବା ବଲି ଜିଲ୍ଲା ପୁଲିସ୍ କାର୍ଯ୍ୟାଲୟ ନୁ ଜନାପଡ଼ିଛେ ।

ସି.କେ. ନାଇଡୁ ଟ୍ରଫି ଉଦ୍ଘାଟିତ୍ ଆର୍ଏନ୍ୟୁ/ କଟକ୍

ବଲାଙ୍ଗିର୍ ଗାନ୍ଧୀ ଷ୍ଟାଡ଼ିୟମ୍ ନ ୨୩ ବଛର୍ନୁ କମ୍ କର୍ଣ୍ଣେଲ୍ ସି.କେ. ନାଇଡୁ କ୍ରିକେଟ୍ ଟ୍ରଫି ଉଦ୍ଘାଟିତ୍ ହେଇଯାଇଛେ । ବିସିସିଆଇ ଆଉ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ର ସହଭାଗିତାଥି ଜିଲ୍ଲା କ୍ରୀଡ଼ା ସଂଘର ଦେଖ୍ରେଖିଥି ହେଉଥିବା ଓଡ଼ିଶା ଆଉ କର୍ଣ୍ଣାଟକ୍ ଭିତ୍ରେ ଇ ଟ୍ରଫି ଆଏବା ୧୧ ତାରିଖିତକ୍ ଚାଲ୍ବା । ବିସିସିଆଇର ନିୟମ୍ ଅନ୍ସାରେ ଆଏଜ୍ ସଖାଲ୍ବେଲା ଜିଲ୍ଲାପାଲ୍ ଦୁହି ଦଲର୍ ଖେଲାଲୀ ଆଉ ମେଚ୍ ଅଧିକାରୀମାନ୍କୁ ଅଭିନନ୍ଦନ୍

ଜନାବାର୍ ଉତ୍‌ରୁ ଖେଲ୍ ମୁଲ୍ ହେଇଥିଲା । ବଲାଙ୍ଗିର୍ ଜିଲ୍ଲାର୍ ଜାତୀୟସ୍ତରର୍ ମହିଳା ଖେଳାଳୀ ମାଧୁରୀ ମେହେଟ୍ଟା ଆଉ ରୋଶନାରା ପର୍‌ବିନ୍‌ଙ୍କର୍ ସହେତେ ଅଲ୍‌ଗା ଖେଲାଲୀମାନ୍‌କୁ ଜିଲ୍ଲାପାଲ୍ ସମ୍ବର୍ଦ୍ଧିତ୍ କରିଥିଲେ ।

ପୋଷ୍ୟ ଗ୍ରହଣ୍ ତାଲିମ୍ କାର୍ଯ୍ୟକ୍ରମ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଇନ୍‌ଗତ ପୁଷ୍‌ପୁତର୍ ନେବାର୍‌ଟା ହିଁ ଫି ଛୁଆକେ ପରିବାର୍ ଯୁଗେଇ ଦେବାର୍ ଠିକ୍ ଉପାୟ ଆଉ ଶିଶୁ ସୁରକ୍ଷା ବ୍ୟବସ୍ଥାର୍ ଫି' ହିତାଧିକାରୀଙ୍କର୍ ସକ୍ରିୟ ସହଭାଗିତାଥି ନିଶ୍ଚିତ୍ କରାଯାଇପାର୍‌ବା । ଭୁବ୍‌ନେଶ୍ୱର୍ ଠାନେ ଦିନ୍‌କିଆ ରାଜ୍ୟସ୍ତରୀୟ ପୋଷ୍ୟ ଗ୍ରହଣ୍ ନିୟମାବଳୀ -୨୦୨୨ ତାଲିମ୍ କାର୍ଯ୍ୟକ୍ରମ୍‌ଥି ଇ ମତପ୍ରକାଶ୍ ପାଇଛେ । କାର୍ଯ୍ୟକ୍ରମ୍‌ଥି ମହିଳା ଶିଶୁ ବିକାଶ୍ ବିଭାଗ୍‌ର ପ୍ରମୁଖ ସଚିବ ସୁଭ୍ରା ଶର୍ମା ଯୋଗ୍ ଦେଇକରି ଫି ଛୁଆର୍ ଅଧିକାର୍ ଆଉ ଇଥିର୍‌ଲାଗି ସଭେ ନିର୍ଦ୍ଦିଷ୍ଟ ସମୟକେ ପାଲନ୍ କର୍‌ବାର୍ ଲାଗି ଅନୁରୋଧ୍ କରିଥିଲେ ।

ରାଜ୍ୟ ମୁକ୍ତ ବିଦ୍ୟାଳୟ-ଫର୍ମ ପୂରଣ୍ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ତରଫ୍ରୁ ପରିଚାଳିତ୍ ସଂସ୍କୃତ ମଧ୍ୟମା ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରଥମ ବାର୍ଷିକ ପରୀକ୍ଷା ଲାଗି ଆଏଜ୍‌ନୁ ଫର୍ମ ପୂରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ମଧ୍ୟମା ଛାତ୍ରଛାତ୍ରୀଙ୍କର୍ ଫର୍ମ ପୂରଣ୍ ଅଫ୍‌ଲାଇନ୍ ଜରିଏ ସେନର୍ ଶିକ୍ଷାନୁଷ୍ଠାନ୍ ତରଫ୍ରୁ ବୋର୍ଡ୍ ମୁଖ୍ୟ କାର୍ଯ୍ୟାଳୟ ଠାନେ କରାଯାଉଛେ । ସେନ୍ତା ମୁକ୍ତ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ଜରିଏ ଫର୍ମ ପୂରଣ୍ କରିପାରୁଛନ୍ । ଫର୍ମ ପୂରଣ୍ ଉତ୍‌ରୁ ରୋଲ୍‌ଡ୍ ସିଟ୍‌କେ ପ୍ରଧାନ୍ ଶିକ୍ଷକ୍‌ମାନେ ନିଜର୍ ତତ୍ତ୍ୱାଧାନ୍‌ଥି ରଖ୍‌ବାର୍ ସହେତେ ଇତାର୍ ଗୁଟେ ନକଲ୍ ବୋର୍ଡ୍‌ର ଆଂଚଲିକ୍ କାର୍ଯ୍ୟାଳୟ ନ ଆଏବା ମାସ ୨୦ ତାରିଖ୍‌ତକ୍ ଦାଖଲ୍ କର୍‌ବେ । ଫର୍ମ ପୂରଣ୍ ପ୍ରକ୍ରିୟା ଆଏବା ନଭେମ୍ବର୍ ୧୮ ତାରିଖ୍ ଦିନ ଶେଷ୍ ହେବା ବଲି ବୋର୍ଡ୍ ତରଫ୍ରୁ ବାହାରିଥିବା ବିଜ୍ଞପ୍ତିଥି କୁହାଯାଇଛେ ।